**ଅମରଜିତ୍ ସିଂ**

**ବନାମ**

**ଚରଣଜିତ ସିଂ ଏବଂ ଅନ୍ୟମାନେ**

**ଜାନୁଆରୀ 8, 2004**

**[ମୁଖ୍ୟ ନ୍ୟାୟଧୀଶ, ଭି.ଏନ୍. ଖାରେ ଏବଂ ନ୍ୟାୟମୂର୍ତ୍ତି, ଏସ୍.ଏଚ୍. କପାଡିଆ]**

*ପଞ୍ଜାବ ପୌରପାଳିକା (ସଭାପତି ଏବଂ ଉପସଭାପତି) ନିର୍ବାଚନ ନିୟମ, 1994 :*

*ପୁନର୍ବାର ମତଦାନ - ହାତ ଉପରକୁ ଉଠାଇ ମତଦାନ - ସଦସ୍ୟମାନଙ୍କ ମଧ୍ୟରୁ ଜଣେ ହାତ ଉପରକୁ ଉଠାଇ ମୂଳ ଆବେଦନକାରୀଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ ଏବଂ ତାଙ୍କ ଭୋଟକୁ ନଥିଭୁକ୍ତ କରାଯାଇଥିଲା ଏବଂ ଗଣନା କରାଯାଇଥିଲା - ଭୋଟ ପୁନଃଗଣନା ପାଇଁ ନିର୍ଦ୍ଦେଶ ଦେଉଥିବା ସଭାପତିତ୍ୱ କରୁଥିବା ଅଧିକାରୀ - ନିର୍ଣ୍ଣୟ ହେଲା, ସଭାପତିତ୍ୱ କରୁଥିବା ଅଧିକାରୀ ଭୋଟ୍ ପୁନଃଗଣନା ଆଳୁଆଳରେ ପୁନର୍ବାର ମତଦାନ ପାଇଁ ନିର୍ଦ୍ଦେଶ ଦେଇପାରି ନଥାନ୍ତେ - ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ନିର୍ଣ୍ଣୟ କରିଛନ୍ତି ଯେ ନିୟମ ଅନୁଯାୟୀ, ମୂଳ ଆବେଦନକାରୀଙ୍କ ସପକ୍ଷରେ ଭୋଟ୍ ନଥିଭୁକ୍ତ ହେବା ପରେ ସମ୍ପୃକ୍ତ ସଦସ୍ୟଙ୍କ ଭୋଟ୍ ପରିବର୍ତ୍ତନ କରିବା ପାଇଁ ସଭାପତିତ୍ୱ କରୁଥିବା ଅଧିକାରୀଙ୍କୁ ଅନୁମତି ନାହିଁ ।*

*ନିର୍ବାଚନ :*

ସଭାରେ ମତଦାନ – କମନ ଲ' ରେ ସମସ୍ତ ବୈଠକରେ ମତଦାନ ହାତ ପ୍ରଦର୍ଶନ ଦ୍ୱାରା ହୋଇଥାଏ - ଥରେ ଅଧ୍ୟକ୍ଷ କିମ୍ବା ସଭାପତିତ୍ୱ କରୁଥିବା ଅଧିକାରୀ ଭୋଟ୍ ନଥିଭୁକ୍ତ କଲେ ଏବଂ ଭୋଟ୍ ଗଣନା ପରେ ଫଳାଫଳ ଘୋଷଣା କଲେ, ଏହା ନିର୍ଣ୍ଣାୟକ ହୋଇଥାଏ ଏବଂ ଏହାକୁ କେବଳ ମତଦାନ ଦାବି ଦ୍ୱାରା ଆପତ୍ତି କରାଯାଇପାରିବ - ଯଦି ଦାବି କରାଯାଇନଥାଏ, ତେବେ ଅଧ୍ୟକ୍ଷଙ୍କ ଘୋଷଣା କାଏମ ରହିବ ।

ବ୍ଲାକୱେଲଙ୍କ ବୈଠକ ନିୟମ - ୨ମ ସଂସ୍କରଣ ପୃଷ୍ଠା 60; ବୈଠକଗୁଡ଼ିକର ଆଇନ ଏବଂ ପ୍ରଥା ଉପରେ ଶ୍ୟାକଲଟନଙ୍କ - ୪ମ ସଂସ୍କରଣ ପୃଷ୍ଠା 60-62 ଏବଂ ଫ୍ରାନ୍ସ ସଂସଦରେ ଡି.ଡବ୍ଲ୍ୟୁ.ଏସ୍. ଲିଡରଡେଲଙ୍କ ଦ୍ୱାରା ହୋଇଥିବା ବିତର୍କର ନିୟମ, ପୃଷ୍ଠା 145, ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା : ବିଶେଷ ଅନୁମତି ଆବେଦନ (C) ସଂଖ୍ୟା 2003 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 5640/2003 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ତା 21.10.2003 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏ. ପି. ମୋହନ୍ତୀଙ୍କ ପାଇଁ ଦବିନ୍ଦର କୌଶଲ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଏଥିରେ କୌଣସି ସନ୍ଦେହ ନାହିଁ ଯେ ହାତ ପ୍ରଦର୍ଶନ କରି ମତଦାନ କରାଯାଇଥିଲା । ଏହା ମଧ୍ୟ ବିବାଦୀୟ ନୁହେଁ ଯେ ଉତ୍ତରଦାତାଙ୍କ ପାଇଁ ହାତ ଦେଖାଇ ଭୋଟ୍ ଦେଇଥିବା ଶେର ସିଂଙ୍କ ଭୋଟ୍ ନଥିଭୁକ୍ତ କରାଯାଇଥିଲା ଏବଂ ନଥିଭୁକ୍ତ ହୋଇଥିବା ଭୋଟ୍ ଗଣନା କରାଯାଇଥିଲା । ଏଭଳି ପରିସ୍ଥିତିରେ, ସଭାପତିତ୍ୱ କରୁଥିବା ଅଧିକାରୀ ଭୋଟ୍ ପୁନଃଗଣନା ଆଢୁଆଳରେ ପୁନର୍ବାର ମତଦାନ ପାଇଁ ନିର୍ଦ୍ଦେଶ ଦେଇପାରି ନଥାନ୍ତେ । ଆମର ମତରେ ଉଚ୍ଚ ନ୍ୟାୟାଳୟ ଏକ ସଠିକ୍ ନିଷ୍ପତ୍ତି ନେଇଛନ୍ତି ।

ସମାପନ କରିବା ପୂର୍ବରୁ, ଆମେ ଉପଯୋଗୀ ଭାବରେ ବ୍ଲାକୱେଲଙ୍କ ବୈଠକ ଆଇନ - ୨ମ ସଂସ୍କରଣ, ପୃଷ୍ଠା 60 ବିଷୟରେ ଉଲ୍ଲେଖ କରିପାରିବା । କମନ ଲ' ରେ, ସମସ୍ତ ବୈଠକରେ ମତଦାନ ହାତ ପ୍ରଦର୍ଶନ ଦ୍ୱାରା ହୋଇଥାଏ । ହାତ ଦେଖାଇ ମତଦାନ କରିବାର ଅର୍ଥ ହେଉଛି ଉପସ୍ଥିତ ବ୍ୟକ୍ତିମାନଙ୍କୁ ଗଣନା କରିବା ଯେଉଁମାନେ ଭୋଟ୍ ଦେବାକୁ ଯୋଗ୍ୟ ଏବଂ ଯେଉଁମାନେ ହାତ ଉଠାଇ (ଉପରକୁ ଉଠାଇ) ଭୋଟ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ବୈଠକରେ ଉପସ୍ଥିତ ରହିବାର ଆଇନଗତ ଅଧିକାର ଥିବା ଯେକୌଣସି ବ୍ୟକ୍ତି ଭୋଟଦାନ ସମାପ୍ତ ହେବା ପରେ ମତଦାନର ଦାବି କରିପାରିବ ଏବଂ ଅଧ୍ୟକ୍ଷ ହିଁ ମତଦାନକୁ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନ କରିବା ପାଇଁ ଉପଯୁକ୍ତ ବ୍ୟକ୍ତି ଅଟନ୍ତି, ଯେଉଁଥିରେ ହାତ ଟେକିବା ପରେ ଅଧ୍ୟକ୍ଷଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ପକ୍ଷମାନଙ୍କ ମଧ୍ୟରୁ ଗୋଟିଏ ପକ୍ଷ ଦ୍ୱାରା ଆବେଦନ ଭଳି କରାଯାଇଥିବ । ଆଧୁନିକ ସଂସଦୀୟ ଚଳଣୀରେ ଏକ ପ୍ରସ୍ତାବକୁ ସମ୍ମତି ଘୋଷଣା କିମ୍ବା ହାତ ଉପରକୁ ଉଠାଇବା ଦ୍ୱାରା ଗୃହୀତ କରାଯାଇଥାଏ । ସଭାପତି କିମ୍ବା ସଭାପତିତ୍ୱ କରୁଥିବା ଅଧିକାରୀ ଉପସ୍ଥିତ ଲୋକଙ୍କୁ ହାତ ଉପରକୁ କରି ସେମାନଙ୍କର ମତଦାନ କିମ୍ବା ପସନ୍ଦ ଜଣାଇବାକୁ କୁହନ୍ତି । ଥରେ ସଭାପତିତ୍ୱ କରୁଥିବା ଅଧିକାରୀ ଭୋଟ୍ ନଥିଭୁକ୍ତ କଲେ ଏବଂ ଭୋଟ୍ ଗଣନା ପରେ ଫଳାଫଳ ଘୋଷଣା କଲେ, ଏହା ନିର୍ଣ୍ଣାୟକ ହୋଇଥାଏ ଏବଂ ଏହାକୁ କେବଳ ମତଦାନ ଦାବି ଦ୍ୱାରା ଆପତ୍ତି କରାଯାଇପାରିବ । ଯଦି ଦାବି କରାଯାଇନଥାଏ, ତେବେ ଅଧ୍ୟକ୍ଷଙ୍କ ଘୋଷଣା କାଏମ ରହିବ (ଦେଖନ୍ତୁ : ବୈଠକଗୁଡ଼ିକର ଆଇନ ଏବଂ ପ୍ରଥା ଉପରେ ଶ୍ୟାକଲଟନଙ୍କ - ୪ମ ସଂସ୍କରଣ, ପୃଷ୍ଠା 60-62) । ଥରେ ଏକ ପ୍ରସ୍ତାବ ଉପରେ ଭୋଟ୍ ହେବା ପରେ, ଏହା ବୈଠକର ଏକ ସଂକଳ୍ପ ହୋଇଯାଏ । ଘୋଷଣା ହେବା ପରେ ଭୋଟର ଫଳାଫଳ ଚୂଡ଼ାନ୍ତ ହୋଇଥାଏ (ଦେଖନ୍ତୁ : ଫ୍ରାନ୍ସର ସଂସଦରେ ଡି.ଡବ୍ଲ୍ୟୁ.ଏସ୍. ଲିଡରଡୁଲଙ୍କ ଦ୍ୱାରା ବିତର୍କର ନିୟମ, ପୃଷ୍ଠା 145) । ବର୍ତ୍ତମାନର ମାମଲାରେ ଆମେ ଉଚ୍ଚ ନ୍ୟାୟାଳୟଙ୍କ ମତ ସହ ସହମତ ଯେ, ପଞ୍ଜାବ ପୌରପାଳିକା (ସଭାପତି ଏବଂ ଉପସଭାପତି) ନିର୍ବାଚନ ନିୟମ, 1994 ଅନୁଯାୟୀ ମୂଳ ଆବେଦନକାରୀଙ୍କ ସପକ୍ଷରେ ଭୋଟ୍ ନଥିଭୁକ୍ତ ହେବା ପରେ ଶେର ସିଂଙ୍କ ଭୋଟ୍ ପରିବର୍ତ୍ତନ କରିବା ପାଇଁ ସଭାପତିତ୍ୱ କରୁଥିବା ଅଧିକାରୀଙ୍କ ପାଇଁ ଏହା ଅନୁମୋଦନୀୟ ନୁହେଁ ।

ପୂର୍ବୋକ୍ତ କାରଣଗୁଡିକ ପାଇଁ ବିଶେଷ ଅନୁମତି ଆବେଦନକୁ ଖାରଜ କରାଯାଉଛି ।

ଆର୍.ପି. ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।